# ପିଲାଙ୍କ ଧରିତ୍ରୀ

ଶନିବାର, ୧୭ ନଭେମ୍ବର, ୨୦୧୮



୪ ତୁମ ତୂଳୀରୁ

୩ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ
କୋଣାର୍କ, ପୁରୀ






୮ ଆଇନା


୭ ଜଣା -ଅଜଣା

୬ କବିତା





## ବିନ୍ଦୁ ଯୋଡ଼



## ଖିଲି ଖିଲି ହସ

ମହେଶ :ଆରେ ରାମୁ, ଦେଖିକି ଚାଲେ,ନହେଲେ କାହା ଗାଡି ତଳେ ରହିଯିବୁ।
ରାମୁ: ମହେଶ,ତୁ ମୋ ପାଇଁ ବ୍ୟସ୍ତ ହଅନା କାରଣ କେତେଥର ମୋ ଉପରେ ଏରୋପ୍ଲେନ୍ ଉଡି ଯାଇଛି କିଛି ହୋଇନି।

ଚିଣ୍ଟୁ:ତୁମେ ଏତେ ଛୋଟ ଛୋଟ ଚୁଟି କାହିଁକି ରଖିଛ ?
ମିଣ୍ଟୁ: ସେଲୁନ୍ ପାଖରେ ପାଞ୍ଚଟଙ୍କା ଚେଞ୍ଜ ନଥିଲା। ମୁଁ ତାକୁ କହିଲି ପାଞ୍ଚ ଟଙ୍କାରେ ଯେତିକି ଚୁଟି କାଟିହେବ କାଟି ଦେ।

ଶିକ୍ଷକ: ଟେକ୍ନୋଲୋଜି ଆସିବାରୁ ଆମ ଜୀବନରେ ସମସ୍ୟା କମିଯାଇଛି ନା ବଢ଼ିଯାଇଛି।
ଅମନ: ସାର୍,କମିଯାଇଛି ?
ଶିକ୍ଷକ:ଭେରି ଗୁଡ୍, ଏବେ କ୍ଲାସରେ ବୁଝାଅ।
ଅମନ: ପ୍ରଥମେ କ୍ରିମ୍,ପାଉଡର ଲଗାଇ ଫଟୋ ଉଠାଉଥିଲେ, ଆଉ ଏବେ ଫଟୋ ଉଠାଇ ବ୍ରାଇଟ୍‌ନେସ ବଢ଼ାଇବାକୁ ପଡୁଛି।

## ମତାମତ



➤ଶିଶୁ ଦିବସ ଅବସରରେ ୱାର୍ଲ୍ଡ ରେକର୍ଡ ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା।
– ମନୋଜ ପାଣିଗ୍ରାହୀ, କୋଏଲ ନଗର, ରାଉରକେଲା

➤ଏଥର ଆଇନା ସ୍ତମ୍ଭଟି ଭଲ ଲାଗୁଥିଲା। ଶିଶୁଦିବସ ସମ୍ପର୍କିତ କବିତା ଦୁଇଟି ବେଶ୍ ମନଛୁଆଁ ହୋଇଥିଲା।
– ମୋନିକା ମହାପାତ୍ର, ବରି, ଯାଜପୁର

➤ପୃଷ୍ଠା ୭ ରେ ସ୍ଥାନିତ 'କମ୍ ବୟସରେ ବଡ ସଫଳତା'ରୁ କୁନି କୁନି ପିଲାଙ୍କ ସଫଳତା ବାସ୍ତବରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଦାୟକ ହେବ।
– ରଶ୍ମିତା ମହାରଣା, ପୁରୁଷୋତ୍ତମପୁର, ଗଞ୍ଜାମ

➤ବିନ୍ଦୁ ଯୋଡ ଓ ରଙ୍ଗ ଦିଅ ସ୍ତମ୍ଭଟି କରିବାକୁ ବେଶ୍ ମଜା ଲାଗୁଛି।
– ପ୍ରତାପ ସାହୁ, ପାତ୍ରପଡା, ଭୁବନେଶ୍ୱର

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶ ପାଉଥିବା ଜଣା ଅଜଣା ସ୍ତମ୍ଭରୁ ଅନେକ ନୂଆ କଥା ଜାଣିବାକୁ ମିଳୁଛି। ଏହାର କଳେବର ବଢାଇବାକୁ ଅନୁରୋଧ।
– ଅଙ୍କିତା ପଣ୍ଡା, ଜଳେଶ୍ୱର, ବାଲେଶ୍ୱର

## ଗପ

# ପରିବେଶରେ ଜୀବନ

– ଶଶଧର ମହନୀ



ଥରେ ଏକ ଶୁଆ ବିକାଳିଙ୍କ ଠାରୁ ଜଣେ ରଷି ଓ ଅନ୍ୟ ଜଣେ ଚଣ୍ଡାଳ ଦୁଇଟି ଶୁଆ ନେଇ ଲାଳନ ପାଳନ କଲେ। ବର୍ଷା ଋତୁରେ ଥରେ ଜଣେ ପଥିକ ବର୍ଷାରେ ତିନ୍ତିଯାଇ ଆଶ୍ରୟ ନେବା ଉଦ୍ଦେଶ୍ୟରେ ଋଷିଙ୍କ ଆଶ୍ରମରେ ଅଟକିଗଲେ। ପଥିକଙ୍କୁ ଦେଖୁ ଦେଖୁ ପଞ୍ଜୁରି ଭିତରେ ଥିବା ଶୁଆଟି କହିଚାଲିଲା, " ଆଜ୍ଞା ଆସନ୍ତୁ, ବସନ୍ତୁ, ପାଣି ପିଅନ୍ତୁ, ଚା' ଖାଆନ୍ତୁ" ଶୁଆଟି ମଣିଷପରି କହୁଥିବା ଶୁଣି ପଥିକ ଜଣକ ଆଶ୍ଚର୍ଯ୍ୟ ହୋଇଗଲେ। ପରେ ପରେ ଆଶ୍ରମ ଅନ୍ତେବାସୀମାନଙ୍କର ନିର୍ମଳ ଭାବପୂର୍ଣ୍ଣ ବ୍ୟବହାରରେ ପଥିକଟି ଅତ୍ୟନ୍ତ ପ୍ରୀତ ହୋଇ ସେମାନଙ୍କୁ ଧନ୍ୟବାଦ ଜଣାଇ ବର୍ଷା କମିଯିବାରୁ ସେଠାରୁ ଚାଲିଗଲେ। କିଛି ବାଟ ଚାଲିଯିବା ପରେ ପୁନର୍ବାର ବର୍ଷା ଭୀଷଣ ଭାବରେ ହେବାରୁ ରାସ୍ତାରେ ଥିବା ଏକ ଚଣ୍ଡାଳ ଘରେ ଆଶ୍ରୟ ନେବା ଉଦ୍ଦେଶ୍ୟରେ ଅଟକି ଗଲେ। ସେଠାରେ ମଧ ଏକ ପଞ୍ଜୁରି ଭିତରେ ଶୁଆଟିଏ ଥାଇ ପଥିକକୁ ଦେଖି କହିଚାଲିଲା, ଆବେ ଶଳା, ତୁ କୁଆଡ଼େ ଆସିଛୁ ? ସାଙ୍ଗେ ସାଙ୍ଗେ ଯିବୁ ନା, ଏଇ ଠେଙ୍ଗାରେ ତୋ ମୁଣ୍ଡ ଫଟାଇ ଦେବି । ପରେ ଘରୁ ଦୁଇଜଣ ପୁରୁଷ ଓ ମହିଳା ବାହାରି ଆସି ପଥିକଙ୍କୁ ଅତିଖରାପ ବ୍ୟବହାର ଦେଖାଇଲେ। ପଥିକଟି ସେମାନଙ୍କ ବ୍ୟବହାରରେ ଅତ୍ୟନ୍ତ ମର୍ମାହତ ହୋଇ ସେଇ ବର୍ଷାରେ ତିନ୍ତି ବୁଡି ଘରକୁ ପଳାଇ ଗଲେ। କିଛିଦିନ ପରେ ପଥିକ ଜଣକ ଏଭଳି ଅଲଗା ବ୍ୟବହାର ପାଇଥିବାରୁ ସେଠାରୁ ଯାଇ ଜଣେ ପଣ୍ଡିତଙ୍କୁ ଦେଖାକରି ଏଇ ଦୁଇଟି ଘରେ ଥିବା ଦୁଇଟି ଶୁଆଙ୍କର ଭିନ୍ନ ବ୍ୟବହାର ସମ୍ପର୍କରେ ଜିଜ୍ଞାସା ପ୍ରକାଶ କଲେ। ପଣ୍ଡିତ କହିଲେ, " ଏଠାରେ ଶୁଆର କିଛି ଭୁଲ ନାହିଁ। ଏସବୁ ବ୍ୟବହାର ପାଇଁ ପରିବେଶ ଦାୟୀ। ପରିବେଶ ଯେମିତି ରହିଥାଏ। ପଶୁପକ୍ଷୀ, ମଣିଷ ସମସ୍ତ ଜୀବଜନ୍ତୁ ସେହି ପରିବେଶରୁ ଶିକ୍ଷାଦୀକ୍ଷା ପାଇଥାନ୍ତି। ଚଣ୍ଡାଳ ଘରେ ସର୍ବଦା କଳହ ରହିଥିବାରୁ ଶୁଆଟି ତାହା ଶିକ୍ଷା କରିଛି। କିନ୍ତୁ ଆଶ୍ରମର ପରିବେଶ ଖୁବ୍ ଉତ୍ତମ, ଭାବଗମ୍ଭୀର, ତେଣୁ ସେଠାରେ ପୋଷା ହୋଇଥିବା ଶୁଆଟି ତାହା ଶିକ୍ଷା କରିଛି। ପ୍ରତ୍ୟେକ ଜୀବଜନ୍ତୁ ପଶୁପକ୍ଷୀ ପରିବେଶରୁ ହିଁ ସେମାନଙ୍କର ମୂଲ୍ୟବୋଧ ପାଇଥାନ୍ତି। ଉତ୍ତମ ପରିବେଶରେ ମଣିଷ ମଧ ଜ୍ଞାନୀ, ବିଦ୍ୱାନ, ପଣ୍ଡିତ ହୋଇଥିବାବେଳେ ଖରାପ ପରିବେଶରୁ ଲୋକେ ହିଂସ୍ର, କପଟାଚାରୀ, ସନ୍ତ୍ରାସବାଦୀ ପାଲଟିଯାଉଛି। ସାଂପ୍ରତିକ ସମାଜ ଆଜି ପ୍ରଦୂଷିତ, କଳକାରଖାନାର ଦୂଷିତ ଧୂଆଁ ପରି ଜୀବଜନ୍ତୁ ଆଦି ଜର୍ଜରିତ, କେଉଁଠି ପିତାମାତା। ବିଭିନ୍ନ କୁସଂସ୍କାର, କୁକର୍ମରେ ବ୍ୟସ୍ତ, ବାପା ମଦଖାଇ ଘରକୁ ଫେରନ୍ତି। ପରିବାର, ସାଇପଡ଼ିଶା,ଗାଆଁ ଗଣ୍ଡା ସୁଦ୍ଧୁ ହିଂସା, ରାଜନୀତି, ଗଣ୍ଡଗୋଳ, ସଂସ୍କୃତି, ମାନବିକ ମୂଲ୍ୟବୋଧ, ଦୟା, ମାୟା ଧୀରେ ଧୀରେ କମିଯାଉଛି। ମଣିଷଙ୍କ ଭିତରେ, ହିଂସା କପଟ ସେତିକି ବଢି ବଢି ଚାଲିଛି। ପରିବେଶ ଉନ୍ନତି, ଉତ୍ତମ ହେଲେ ସେଠାରୁ ବଢୁଥିବା ପିଲାଟି ଜଣେ ଭଲମଣିଷ ହୋଇ ବାହାରିବ। ପରିବେଶରୁ ସଂସ୍କୃତି, ସଭ୍ୟତା, ଜୀବନ ଧାରଣରମାନ, ସ୍ୱାସ୍ଥ୍ୟ, ଆଚାର ବ୍ୟବହାର, ମାନବିକ ମୂଲ୍ୟବୋଧ ସବୁକିଛି ଲାଭ ହୁଏ। ପିଲାମାନେ ଭଲପାଠ ପଢି ଭଲ ମଣିଷଟିଏ ହୋଇ ସମାଜର ମଙ୍ଗଳ ସାଧନ କରାଇଥାନ୍ତି। ପରିବାର ସଂସ୍କୃତି ସମ୍ପନ୍ନ ହେଲେ ପାରିବାରିକ ଜୀବନ ସୁଖମୟ ହୋଇଥାଏ। ଏଣୁ ଆମେ ଆଗ ନିଜକୁ, ନିଜ ପରିବାରକୁ, ଗ୍ରାମୀଣ ପରିବେଶକୁ ଠିକ୍ ରଖିବାକୁ ଉଦ୍ୟମ କରିବା ଆବଶ୍ୟକ। ସଚେତନ ନାଗରିକ ବିଭିନ୍ନ ସଭାସମିତି ଆୟୋଜନ କରି ଲୋକମାନଙ୍କ ଭିତରେ ପରିବେଶ ଉପରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ, ତାହାହେଲେ ଗ୍ରାମାଞ୍ଚଳର ସମସ୍ୟା ଦୂର ହେବ ଓ ଆଦର୍ଶ ମଣିଷ ଉତ୍ତମ ପରିବେଶରୁ ମିଳିପାରିବେ।

–ବରାଳ ପୋଖରୀ,ଚରମ୍ପା,ଭଦ୍ରକ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଚଗଲା ଭୀମୁ



**ସ୍କୁଲ୍ ସ୍କୁଲ୍**






ରୁକ୍ମିଣୀ ଦେବୀ (ଅଧକ୍ଷା)



ସ୍ୱାଧୀନତା ଦିବସ ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରି କରାଯାଉଛି।

# କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ (କୋଣାର୍କ, ପୁରୀ)

ପୁରୀ ଜିଲା କୋଣାର୍କ ସୂର୍ଯ୍ୟ ମନ୍ଦିରଠାରୁ ୧ କି.ମି. ଦୂରରେ ରହିଛି କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ। ୧୯୮୯ ମସିହା ଅଗଷ୍ଟ ୩ ତାରିଖରେ ଏହା ପ୍ରତିଷ୍ଠା ଲାଭ କରିଥିଲା। ଏହି ସ୍କୁଲ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ତଥା ଶୋଭନୀୟ ଆନ୍ଦୋଳନ ଦ୍ୱାରା ନିୟନ୍ତ୍ରିତ ତଥା ପରିଚାଳିତ। ଏହାର ମୁଖ୍ୟ କାର୍ଯ୍ୟାଳୟ କଟକ ବିଡାନାସୀ ଶୋଭନୀୟ ନଗର (ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର)ରେ କାର୍ଯ୍ୟ କରୁଛି। ଏଠାରେ ନର୍ସରୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଦାନର ବ୍ୟବସ୍ଥା ରହିଛି। ଏଠାରେ ମୋଟ ୨୫୦ ଜଣ ଛାତ୍ରୀଛାତ୍ର ବିଦ୍ୟା ଅଧ୍ୟୟନ କରୁଛନ୍ତି। ଏମାନଙ୍କୁ ବିଦ୍ୟାଧ୍ୟୟନର ଉଚିତ ଦିଗ୍‌ଦର୍ଶନ ଦେବାଲାଗି ୧୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ଅଛନ୍ତି। ଦୂରଦୂରାନ୍ତ ସ୍ଥାନରୁ ଆସୁଥିବା ଛାତ୍ରୀଛାତ୍ର ଲାଗି ଏଠାରେ ଛାତ୍ରାବାସ ସୁବିଧା ମଧ୍ୟ ରହିଛି। ଅନ୍ୟ ସ୍କୁଲଠାରୁ ଏହି ଅନୁଷ୍ଠାନ ଭିନ୍ନ । ଏହାର ନୀତି ନିୟମ ଆଦର୍ଶ ସ୍ୱତନ୍ତ୍ର। ସାର୍ଟିଫିକେଟ ପାଇବାକୁ ନୁହେଁ ବରଂ ସମାଜରେ ଗୋଟିଏ ଭଲ ମଣିଷ ହେବାକୁ ଏଠାରେ ଗୁରୁତ୍ୱ ଦିଆଯାଏ। ପାଠ ପଢା ସାଙ୍ଗକୁ ନୈତିକ ଶିକ୍ଷା ଉପରେ ମଧ୍ୟ ଏଠାରେ ଗୁରୁତ୍ୱ ଦିଆଯାଏ। ଭୋର ୫ଟାରୁ ଛାତ୍ରାବାସର ଅନ୍ତେବାସୀ ଶଯ୍ୟାତ୍ୟାଗ କରନ୍ତି। ନିତ୍ୟକର୍ମ ସାରିବା ପରେ ସୂର୍ଯ୍ୟନମସ୍କାର, ଯୋଗ, ପ୍ରାଣାୟାମ, ପ୍ରାର୍ଥନା କରନ୍ତି। ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ପାଠ ପଢନ୍ତି । ଅନ୍ୟ ସ୍କୁଲ ଭଳି ଏଠାରେ ୧୦ଟାରୁ ୪ ଟା ପର୍ଯ୍ୟନ୍ତ ସ୍କୁଲ ନ ଥାଏ। ଏଠାରେ ୯ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ପାଠ ପଢା ହୁଏ। ଏହାପରେ ଦିବାଧାୟୀ ପିଲାମାନେ ଘରକୁ ଫେରି ଯାଉଥିବାବେଳେ ହଷ୍ଟେଲ ପିଲାମାନେ ମଧ୍ୟାହ୍ନ ଭୋଜନ ସାରି ୪ଟା ପର୍ଯ୍ୟନ୍ତ ବିଶ୍ରାମ ନିଅନ୍ତି। ୪ଟାରୁ ସନ୍ଧ୍ୟା ୬ଟା ଯାଏ ବିଭିନ୍ନ ଖେଳ ଖେଳନ୍ତି। ସନ୍ଧ୍ୟା ପ୍ରାର୍ଥନା ପରେ ରାତି ୯ଟା ପର୍ଯ୍ୟନ୍ତ ପୁଣି ପାଠ ପଢନ୍ତି। ପରେ ଖାଇପିଇ ରାତ୍ର ବିଶ୍ରାମ କରନ୍ତି। ଅନ୍ୟ ସ୍କୁଲ ଭଳି ଏହି ସ୍କୁଲ ରବିବାର ଛୁଟି ନ ଥାଏ। ଗୁରୁବାର ହିଁ ପିଲାଙ୍କୁ ସାପ୍ତାହିକ ଛୁଟି ମିଳେ। ବର୍ଷର ୩ ଥର ଲମ୍ୱା ଛୁଟି ମିଳେ। ଗ୍ରୀଷ୍ମ ଅବକାଶ, ପୂଜା ଛୁଟି ଓ ଧାନକଟା ଛୁଟିରେ ପିଲାଙ୍କୁ ଛୁଟି ମିଳେ।

ଅନୁଷ୍ଠାନର ପ୍ରତିଷ୍ଠା ଦିବସ, ମାର୍ଚ୍ଚ ୧୪ / ୧୫ ତାରିଖରେ ସ୍କୁଲର ପ୍ରତିଷ୍ଠାତା ପୂଜ୍ୟ କୁମାର ଭାଇଙ୍କ ପଦଯାତ୍ରାର ସ୍ମୃତି ଦିବସ ସହ ବିଭିନ୍ନ ମହାପୁରୁଷଙ୍କ ଜନ୍ମଦିବସ ଓ ତିରୋଧାନ ଦିବସ ପାଳିତ ହୁଏ। ସ୍ଥାନୀୟ ଏନଏସି ପକ୍ଷରୁ ହେଉଥିବା ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ସ୍ୱାୟତ୍ତ ଶାସନ ଦିବସ, ଚନ୍ଦ୍ରଭାଗା ବୋଇତ ବନ୍ଦାଣ, ସୁଆଣ୍ଡୋରେ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଜନ୍ମମାଟିରେ ପ୍ରତିବର୍ଷ କୁମାର ଭାଇଙ୍କ ଦ୍ୱାରା ରଚିତ ସମାଜଗଠନକାରୀ ନୃତ୍ୟଗୀତ ପରିବେଷଣ କରନ୍ତି। ସମାଜର ବିଭିନ୍ନ କ୍ଷେତ୍ରରେ ଏଠାକାର ପୁରାତନ ଛାତ୍ରୀଛାତ୍ର ନିଜକୁ ପ୍ରତିଷ୍ଠିତ କରିଛନ୍ତି। ଅତୀତର ଗୁରୁକୁଳ, ଶାନ୍ତିନିକେତନ, ବନ ବିଦ୍ୟାଳୟ ଭଳି ଏଠାରେ ମଣିଷ ତିଆରିକୁ ଗୁରୁତ୍ୱ ଦିଆଯାଏ।

**ତଥ୍ୟ ସହାୟତା:** ପଦ୍ମଲୋଚନ ମହାପାତ୍ର,ଜ୍ୟୋତିରାଜ ମହାନ୍ତି

## ସଂକ୍ଷେପରେ...

**ପ୍ରତିଷ୍ଠା–୧୯୮୯**
**ଶିକ୍ଷୟିତ୍ରୀ/ଶିକ୍ଷକ ସଂଖ୍ୟା–୧୫**
**ଛାତ୍ରୀଛାତ୍ର ସଂଖ୍ୟା–୨୫୦**
**ପ୍ରମୁଖ ଭାଷା –ଓଡ଼ିଆ, ଇଂଲିଶ, ହିନ୍ଦୀ**
**ଶ୍ରେଣୀ– ନର୍ସରୀ ଠାରୁ ୮ମ**
**ହଷ୍ଟେଲ୍– ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲର ସୁବିଧା ରହିଛି।**

## ପ୍ରତିଭା



(୧)



(୨)



(୩)



(୪)



(୫)



(୬)

**(୧)ସନ୍ତୋଷ ସାହୁ (କ୍ଲାସ–୬):** ଡିବେଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

**(୨)ଆକାଂକ୍ଷା ସାହୁ (କ୍ଲାସ–୬):** ପ୍ରବନ୍ଧ ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।

**(୩)ପୂଜା ବରାଳ (କ୍ଲାସ–୬):** ସ୍କୁଲ୍ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରି ବେଶ୍ ପ୍ରଶଂସିତ ହୋଇଛନ୍ତି।

**(୪)କ୍ରିଷ୍ଣାମୋହନ ପୃଷ୍ଟି (କ୍ଲାସ–୬):** ଉତ୍ତମ କ୍ରୀଡା ପ୍ରଦର୍ଶନ କରି ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କୃତ ହୋଇଛନ୍ତି।

**(୫) ସ୍ନିଗ୍ଧା ସୁଚରିତା ସ୍ୱାଇଁ (କ୍ଲାସ–୬):** ଭଲ ଗୀତ ଗା'ନ୍ତି। ଏହି ପ୍ରତିଭା ଲାଗି ସେ ଅନେକ ପୁରସ୍କାରର ଅଧିକାରିଣୀ ହୋଇପାରିଛନ୍ତି।

**(୬) ସାଇରଞ୍ଜନ ଦଳାଇ (କ୍ଲାସ–୬):** ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ପୁରସ୍କାର ଲାଭ କରିବା ସହ ସ୍କୁଲର ନାମକୁ ଗୌରବାନ୍ୱିତ କରିଛନ୍ତି।



ସ୍କୁଲର ପୁରାତନ ଛାତ୍ର ସଂସଦର ବନ୍ଧୁ ମିଳନ କାର୍ଯ୍ୟକ୍ରମ।



ଗଣେଶ ପୂଜା ଅବସରରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ




୧



୨



୩



୪



୫




୬




୭




୮



୯



୧୦



ସ୍ରୀଲାଲିନ୍ ଦଳବେହେରା
କ୍ଲାସ-୪,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପରଜଙ୍ଗ,ଢେଙ୍କାନାଳ
୧



ଶାଶ୍ୱତୀ ସୁପ୍ରିୟା
ସାହୁ,କ୍ଲାସ-୫,ମେରି ସ୍କୁଲ,ବଡବିଲ,କେଉଁଝର
୨



ପ୍ରାଚୀ ପ୍ରିୟଦର୍ଶିନୀ ମହାନ୍ତି
କ୍ଲାସ-୮,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଧର୍ମବିହାର, ଭୁବନେଶ୍ୱର
୩



ବି.ସୌମ୍ୟ ସିଦ୍ଧାର୍ଥ
କ୍ଲାସ-୧,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,କଟକ
୪



ସୌରଭ ପ୍ରଧାନ
କ୍ଲାସ-୪,ପ୍ରଭୁଶ୍ରୀ ଇଂଲିଶ୍ ମିଡିୟମ୍ ସ୍କୁଲ,ମଧୁବନ,ପୁରୀ
୫



ଅର୍ପିତା
କ୍ଲାସ-୭,ଗୁରୁନାନକ ପବ୍ଲିକ୍ ସ୍କୁଲ,ଭୁବନେଶ୍ୱର
୬



ସୋମ୍ୟ ରଞ୍ଜନ ମହାନ୍ତି,
କ୍ଲାସ-୩,ସେଣ୍ଟ ଜାଭିୟର ସ୍କୁଲ,ପୁରୀ
୭



ସ୍ମିତିରେଖା ଦଳାଇ
କ୍ଲାସ-୫,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆଗଡ ଜଗତସିଂହପୁର
୮



ସୋହନ ଶୀଟ୍
କ୍ଲାସ-୮, ଧରଣୀଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନ୍ଦରଗଡ
୯



ଅଭିଷେକ ମହାକୁଳ
କ୍ଲାସ-୮, ଧରଣୀଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନ୍ଦରଗଡ
୧୦

## କ ବି ତା

### ହବିଷ

ଆଇ କରିଅଛି ହବିଷ
ଘରେ ପଶୁନାହିଁ ଆଇଁଷ
ସଞ୍ଜରେ ସାରୁଛି ଅରୁଆ
ଦିଶିଲାଣି ଏବେ ସରୁଆ ।
ଆଈ ଯେତେବେଳେ ଉଠଇ
ବଗିଚାରେ ଫୁଲ ଫୁଟଇ
ପଡୁଥାଏ ଟୋପା କାକର
ନ ଥାଏ ଠୁକୁରୁ ଠାକର ।
ପୋଖରୀରେ ବୁଡ ପକେଇ
ରାଧା ଦାମୋଦର ପୂଜଇ
ନଇଁ ନଇଁ ସିଏ ଆସଇ
ଖୋଜେ କି ବୟସ ହଜେଇ ?
ଚଉରାରେ ଦିଏ ମୁରୁଜ
ଉଇଁ ଆସୁଥାଏ ସୁରୁଜ
ପଡିଥାଏ ଖରା କଅଁଳ
ଛାଡିଯାଏ ଶୀତ ସଅଳ
ବ୍ରାହ୍ମଣ ନିଇତି ଆସନ୍ତି
କାର୍ତ୍ତିକ ମାହାତ୍ମ୍ୟ ଭାଷନ୍ତି
ଧର୍ମଅଧର୍ମର କାହାଣୀ
ଚଉ ପାହାଡିର ବଖାଣି
ପୂର୍ଣ୍ଣିମାରେ ବୁଡ ପକେଇ
ଆଇ ଦିଏ ଡଙ୍ଗା ଭସେଇ
ଠାକୁର କରଇ ଦର୍ଶନ
ଦାନେ କରେ ପୁଣ୍ୟ ଅର୍ଜନ ।

*ପ୍ରହ୍ଲାଦ ଦାସ, ପଲା ବରୁଣେଇ ସାହି, ପଲ୍ଲାହାଟ, ଖୋର୍ଦ୍ଧା*



### କାର୍ତ୍ତିକ ପୂନେଇଁ

କାର୍ତ୍ତିକ ପୂନେଇଁ ଆସିଛି
ରାତି ନ ପାହୁଣୁ ନଈ ପୋଖରୀରେ
ଭଳି ଭଳି ଡଙ୍ଗା ଭାସୁଛି ।
କଦଳୀ ପାଟୁକା ଉପରେ
ପାନ ଗୁଆ ଥାଇ ଦୀପଟିଏ ଜଳେ
ବୋଇତ ଭଳିଆ ଦିଶେରେ ।
ହୋଇଛି ସେ ଦିନ ଅତୀତ
ଓଡିଆ ସାଧବ ଦୂର ରାଇଜକୁ
ଯାଉଥିଲେ ଧରି ବୋଇତ ।
ଆଣୁଥିଲେ ଧନ ଦରବ
ସେଥିପାଇଁ ସାରା ଭାରତରେ ଥିଲା
ଓଡିଶା ମାଟିର ଗୌରବ ।
ସାଧବ ଆସିଲେ ଲେଉଟି
ବନ୍ଦାପନା କରି ସାଧବାଣୀ ତାଙ୍କୁ
ନେଉଥିଲେ ଘର ପାଛୋଟି ।
ସେଦିନକୁ ମନେ ପକାଇ
ବୋଇତ ରୂପରେ ଡଙ୍ଗା ଭସାଇବା
ପାଳିବା କାର୍ତ୍ତିକ ପୁନେଇଁ ।

*ଅଶୋକ କୁମାର ହରିଚନ୍ଦନ*
*ରୋଡ୍ ନଂ -୮, ଜଗନ୍ନାଥ ନଗର, ଭୁବନେଶ୍ୱର*



# ସୁଉଚ୍ଚ ସ୍ୱିମିଙ୍ଗ୍‌ପୁଲ୍



ପିଲାମାନଙ୍କ ବିଭିନ୍ନ ସଉକ ମଧ୍ୟରୁ ଅନ୍ୟତମ ସ୍ୱିମିଙ୍ଗ। ପାଣିରେ ପହଁରିବା ଲାଗି ଭଲଲାଗୁଥିବା ହେତୁ କିଛି ଜଣ ଏହା ପାଇଁ ବିଶେଷ ଟ୍ରେନିଂ ମଧ୍ୟ ନେଇଥାନ୍ତି। ତେବେ ସ୍ୱିମିଙ୍ଗ ସହିତ ଯଦି ଆଡଭେଞ୍ଚର୍‌ର ବି ସଉକ ରଖନ୍ତି ତେବେ ଏହି ସ୍ୱିମିଙ୍ଗପୁଲ୍ ଦେବ ଉଭୟର ମଜା। ସିଙ୍ଗାପୁରରେ ଅବସ୍ଥିତ ଏଭଳି ସ୍ୱିମିଙ୍ଗପୁଲ୍ ୩୮ ମହଲା ବିଶିଷ୍ଟ ସୁଉଚ୍ଚ ବିଲ୍ଡିଙ୍ଗ ଉପରେ ଅବସ୍ଥିତ। କେବଳ ସେତିକି ନୁହେଁ ଏହି ପୁଲ ଦୁଇଟି ଟାୱାରକୁ ମଧ୍ୟ ସଂଯୋଗ କରିଛି। ମୁକ୍ତାକାଶ ତଳେଥିବା ଏହି ପୁଲରେ ସ୍ୱିମିଙ୍ଗର ମଜା ନେବା ସହ ବାହାରର ଦୃଶ୍ୟକୁ ମଧ୍ୟ ମନଭରି ଉପଭୋଗ କରିପାରିବେ।

ଆସ ଜାଣିବା


## ଏଥରର ପ୍ରଶ୍ନ ?

- 'କାର୍ଗିଲ ବିଜୟ ଦିବସ' କେବେ ପାଳନ କରାଯାଏ ?
- କାହାର ମୃତ୍ୟୁ ଦିବସକୁ ଭାରତରେ ପ୍ରତିବର୍ଷ ଜାନୁୟାରୀ ୩୦ ତାରିଖରେ 'ଶହୀଦ ଦିବସ' ଭାବେ ପାଳନ କରାଯାଏ ?
- କାହାର ଜନ୍ମ ଦିବସକୁ ଓଡିଶାରେ ପ୍ରତିବର୍ଷ ମାର୍ଚ୍ଚ ୫ ତାରିଖରେ 'ପଞ୍ଚାୟତିରାଜ ଦିବସ' ରୂପେ ପାଳନ କରାଯାଏ ?
- 'କ୍ରାନ୍ତି ଦିବସ' କେବେ ପାଳନ କରାଯାଏ ?
- 'କିଷାନ ଦିବସ' କେବେ ପାଳନ କରାଯାଏ ?

## ଆରଥରର ଉତ୍ତର

- ଜବାହରଲାଲ ନେହେରୁ
- ୧୮୮୯ ମସିହା, ନଭେମ୍ବର ୧୪/ଆଲ୍ଲାହାବାଦ
- ନାଲି ଗୋଲାପ
- ନଭେମ୍ବର ୨୦
- ଟୁୱାର୍ଡ୍ସ ଫ୍ରିଡମ୍

## ପାର୍ଥକ୍ୟ ଦର୍ଶାଅ



## ନିଆରା କାର୍ତ୍ତିକ

ଉତ୍କଳ ପ୍ରଦେଶ ଜଗନ୍ନାଥ ଦେଶ
ବାରମାସେ ତେର ଯାତ ।
କାର୍ତ୍ତିକର ମାସ ପ୍ରତିଟି ଦିବସ
ବିଷ୍ଣୁ ଭକ୍ତିରେ ଉଦ୍ଦିଷ୍ଟ ।
ନୀଳାଚଳ କ୍ଷେତ୍ର ହୁଏ ମୁଖରିତ
ହବିଷ୍ୟାଳିଙ୍କର ମେଳେ,
ଉପବାସ କରି ବିଷ୍ଣୁନାମ ସ୍ମରି
ଦିନରାତି ସେଠି ସରେ ।
ସାଧବ ପୁଅର ବିଦେଶ ଯାତରା
ଭାରତେ ଅଟେ ନିଆରା ।
ହେଉଥିଲେ ପାର ନୀଳ ପାରାବାର
ଆକାଶେ ପଥ ନ ଥିଲା ।
ନାନାଦି ମସଲା ଗଜଦାନ୍ତ ଥିଲା
ରପ୍ତାନି ଦରବ ସାଥେ
ଫେରୁଥିବା ବେଳେ ବୋହି ଆଣୁଥିଲେ
ଧନରତ୍ନ କାହିଁ କେତେ ।
ବିପଦ ସଂକୁଳ ଅଥଳ ସାଗର
ସାଥେ ପାଲଟଣା ତରୀ
ଧନ ଆଶା କରି ଯାଉଥିଲେ ବାଲି
ଅନ୍ତରଙ୍ଗ ଯେତେ ଛାଡି ।
ଆକୁଳେ ଅନାଇ ରହୁଥିଲେ ଚାହିଁ
ପ୍ରାଣପ୍ରିୟା ବନ୍ଧୁଜ୍ଞାତି,
ମାୟା ମୋହ ତେଜି ରହୁଥିଲେ ମଜି
ଲାଭ ଅରଜନ ଚିନ୍ତି ।
କରିଲେ ସ୍ମରଣ ନହେବ ପୂରଣ
ସ୍ମୃତି ପାଳନର ଲକ୍ଷ୍ୟ,
ପୁରୁଣା ଦିନର ବଢିଲେ ଆଦର
ମିଳିବ ନୂଆ ସନ୍ଦେଶ ।

*ମାନସ କୁମାର ବାରିକ*
*(ପ୍ରଧାନଶିକ୍ଷକ)*
*ପଳସା ଉ.ପ୍ରା (ମ.ଇ) ବିଦ୍ୟାଳୟ*
*ଖଇରା, ବାଲେଶ୍ୱର*
*ମୋ: ୯୯୩୮୦୮୦୭୯୩*




## ତୁମ ପଢ଼ିବା ପାଇଁ




ଶୁଆ ଶାରୀ : ତ୍ରୈମାସିକ ଶିଶୁ-କିଶୋର ପତ୍ରିକା 'ଶୁଆ-ଶାରୀ'ର ଚଳିତବର୍ଷର ଦୂର୍ଗା ପୂଜା ସଂଖ୍ୟାରେ ରହିଛି ଗଢ଼ିଦେବେ ମାଆ ମଣିଷ କରି, ବଜ୍ରଘାତ, ବରଷା ରଜା, ମୁଁ ଶାନ୍ତିରେ ଅଛି, ଶୁଆ ଶାରୀ ହସ କଥା, ଜୀବନର ଖେଳ, ଟିକି ଦୁନିଆ, ଆମ ବଣ, ଶପଥ, ଘୋଷଣା ପରି ଶିକ୍ଷଣୀୟ ବିଷୟବସ୍ତୁ। ସମୀର କୁମାର ପାଢ଼ୀଙ୍କ ସମ୍ପାଦନାରେ ପ୍ରକାଶିତ ଏହି ପତ୍ରିକାର ମୂଲ୍ୟ ରହିଛି ୨୦ ଟଙ୍କା।

ଯୋଗାଯୋଗ : ଶୁଆ-ଶାରୀ କାର୍ଯ୍ୟାଳୟ, ଟେନସା, କ୍ୱାର୍ଟର ନଂ- ବି/୧୧୭, ସୁନ୍ଦରଗଡ, ପିନ୍-୭୭୦୦୪୨।



# ମନ ଗବେଷଣାରେ ଭୋଳ ହେଲେ...

ବୈଜ୍ଞାନିକମାନେ ଗବେଷଣାରେ ଭୋଳ ରହିଥିଲାବେଳେ ବାହାର ଦୁନିଆକୁ ପୂରାପୂରି ଭୁଲିଯାଇଥାନ୍ତି। ସେମାନେ କଅଣ ଖାଆନ୍ତି ବା କଅଣ ପିଅନ୍ତି ତାହା ନିଜେ ବି ଜାଣି ପାରନ୍ତିନି। ଏଇଥିପାଇଁ ତାଙ୍କ ଜୀବନରେ ଘଟେ ଅନେକ କୌତୂହଳପୂର୍ଣ୍ଣ ଘଟଣା। ପ୍ରସିଦ୍ଧ ବୈଜ୍ଞାନିକ ଥୋମାସ ଆଲ୍‌ଭା ଏଡିସନ୍‌ଙ୍କ କ୍ଷେତ୍ରରେ ଏହା ଅନେକ ବାର ଘଟିଛି। ଏଇଟି ହେଲା ତହିଁରୁ ଗୋଟିଏ।


ଏଡିସନ୍ ଥିଲେ ଜଣେ ବଡ଼ ସିଗାରେଟ୍ ପ୍ରେମୀ। ବିଶେଷକରି, କୌଣସି କଥା ଗୁରୁତ୍ୱର ସହ ଭାବି ବସିଲାବେଳେ କିମ୍ବା ମାନସିକ ଦ୍ୱନ୍ଦ୍ୱ କାଳରେ ସେ ପିଇଚାଲୁଥିଲେ ସେଥିରୁ ଗୋଟିକ ପରେ ଗୋଟିଏ...। ତେବେ, ବଜାରରେ ମିଳୁଥିବା ସିଗାରେଟ୍ ତାଙ୍କର ପସନ୍ଦ ନ ଥିଲା। ସେ କମ୍ପାନୀଠାରୁ ସିଧାସଳଖ ତାହା ମଗାଇଦେଉଥିଲେ। କେବଳ ସେତିକି ନୁହେଁ। ସେଥିରେ କେଉଁ କେଉଁ ଉପାଦାନ କେତେ କେତେ ପରିମାଣରେ ରହିବ ତାହା ମଧ୍ୟ ବରାଦ କରୁଥିଲେ। କମ୍ପାନୀ ସେହି ଅନୁସାରେ ତାହା ତିଆରି କରି ତାଙ୍କ ପାଖକୁ ପଠାଉଥିଲା।

ତାଙ୍କର ଏ ସିଗାରେଟ୍ ପ୍ରତି ଅନ୍ୟମାନଙ୍କର ଲୋଭ ରହୁଥିଲା। ବିଶେଷକରି, ତାଙ୍କର ଜଣେ ସହଯୋଗୀ ବେଳେ ବେଳେ ତାଙ୍କ ଡବାରୁ ସିଗାରେଟ୍ ଲୁଚେଇ ନେଇ ପିଇଦେଉଥିଲା। ଏଡିସନ ଥରେ ଅଧେ ଏହା ଦେଖିବାକୁ ପାଇଲେ। ଏମିତି ଚୋରି କରିବା କଥାଟା ତାଙ୍କୁ ଭଲ ଲାଗିଲାନି। ତେବେ, ତାଙ୍କୁ ସିଧାସଳଖ ଏକଥା କହିବାକୁ ସେ ଠିକ୍ ମନେ କଲେନି, ତାଙ୍କୁ ଭଲକରି ଶିକ୍ଷାଟିଏ ଦେବାକୁ ମନେମନେ ବିଚାର କଲେ।

ସେହି ଅନୁସାରେ ସେ କମ୍ପାନୀକୁ ବରାଦ ଦେଲେ ଯେ, ଏଥର ସିଗାରେଟ୍‌ରେ କିଛି ଘୋଡ଼ାଲୋମ, ଅଠା ଓ ଦୁର୍ଗନ୍ଧକାରୀ ପଦାର୍ଥ ମିଶାଇ ତିଆରି କରିବାକୁ। ତାଙ୍କ ଗବେଷଣା ପାଇଁ ଏହା ଦରକାର ବୋଲି ସେ କହିଲେ। ଏହାପରେ ଏଡିସନ୍ ଲାଗିଗଲେ ତାଙ୍କ କାମରେ। କିଛି ଜଟିଳ ଗବେଷଣାରେ ତାଙ୍କୁ ଦିନଦିନ ଧରି ବ୍ୟସ୍ତ ରହିବାକୁ ପଡ଼ିଲା।

ଇତିମଧ୍ୟରେ ପ୍ରାୟ ଦୁଇ ତିନି ସପ୍ତାହ ବିତିସାରିଥାଏ। ଦିନେ ହଠାତ୍ ତାଙ୍କ ମନେ ପଡ଼ିଗଲା କମ୍ପାନୀକୁ ବରାଦ ଦେଇଥିବା ବିଚିତ୍ର ସିଗାରେଟ୍ କଥା। ତେଣୁ ସେ ଜଣେ ଲୋକକୁ ପଠାଇଲେ ତାହା

## ବିଚିତ୍ର ବୈଜ୍ଞାନିକ



ଆଣିବାକୁ। ହେଲେ, କମ୍ପାନୀ ପରିଚାଳକ କହିଲେ– "ଆମେ ତ ତାହା ତାଙ୍କ ବରାଦ ମୁତାବକ ତିଆରି କରି ଦୁଇ ସପ୍ତାହ ତଳୁ ପଠାଇସାରିଛୁ..।"


ଏ ଖବର ପାଇଲାପରେ ଏଡିସନ୍‌ଙ୍କର ମନେପଡ଼ିଲା କମ୍ପାନୀଠାରୁ ସିଗାରେଟ୍ ପାଇବା କଥା। ଗବେଷଣାରେ ଭୋଳ ରହି ସେ ତାହା ଭୁଲିଯାଇଥିଲେ। ତେବେ, ତାହା ଗଲା କୁଆଡ଼େ? କଥାଟି ଏମିତି ଥିଲା–

ବରାଦ ପାଇଲା ପରେ କମ୍ପାନୀ ସେହିମୁତାବକ ସିଗାରେଟ୍ ତିଆରି କରି ପଠାଇଲାବେଳକୁ ତାଙ୍କ ଜଟିଳ ଗବେଷଣାଟି ଆରମ୍ଭ ହୋଇଯାଇଥିଲା। ତେଣୁ ସେ ତାହାକୁ ଯଥାସ୍ଥାନରେ ରଖିଲାପରେ ତା'କଥା ଭୁଲିଯାଇଥିଲେ। ତା'ପରେ ସେ ନିଜେ ସେହି ସିଗାରେଟ୍‌ଗୁଡ଼ିକୁ ଗୋଟାକ ପରେ ଗୋଟାଏ ଆଣି ଟାଣିଦେଇଥିଲେ। କିନ୍ତୁ ଗବେଷଣା ତାଙ୍କ ମନକୁ ଏପରି ଭୋଳ କରି ରଖିଥିଲା ଯେ, ସେ ତାହାର ଦୁର୍ଗନ୍ଧ ଅନୁଭବ କରିପାରି ନ ଥିଲେ। ଫଳରେ ସହଯୋଗୀଙ୍କୁ ପାନେ ଦେବା ପାଇଁ ଯେଉଁ ଯୋଜନାଟି କରିଥିଲେ ନିଜ ଅଜାଣତରେ ନିଜେ ତାହାର ଶିକାର ହୋଇଥିଲେ।

**– ରମେଶ ଚନ୍ଦ୍ର ପରିଡ଼ା,**
*ଉଷାନିବାସ, ୧୨୪/୨୪୪୫ ଖଣ୍ଡଗିରି ବିହାର, ଭୁବନେଶ୍ୱର*
*ମୋ: ୯୯୩୭୯୮୫୭୬୭*

# ଜଣା ଅଜଣା

ସ୍ୱିଡେନର ବୈଜ୍ଞାନିକ ଆଲଫ୍ରେଡ୍ ନୋବେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୋବେଲ ଫାଉଣ୍ଡେଶନ ତରଫରୁ ବିଭିନ୍ନ କ୍ଷେତ୍ରରେ ସର୍ବଶ୍ରେଷ୍ଠ ଅବଦାନ ପ୍ରଦାନ କରିଥିବା ବ୍ୟକ୍ତିମାନଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥାଏ। ୧୯୦୧ ମସିହାରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି।







୧୮୫୨ ମସିହାରେ ଭାରତରେ ପ୍ରଥମଥର ପାଇଁ ପୋଷ୍ଟାଲ ଷ୍ଟାମ୍ପର ବ୍ୟବହାର କରାଯାଇଥିଲା। ତେବେ ସ୍ୱାଧୀନ ଭାରତର ପ୍ରଥମ ପୋଷ୍ଟାଲ ଷ୍ଟାମ୍ପରେ ଭାରତର ଜାତୀୟ ପତାକା ଚିହ୍ନ ରହିଥିଲା ବେଳେ ମହାତ୍ମାଗାନ୍ଧୀଙ୍କ ଛବି ସର୍ବ ପ୍ରଥମ ଭାରତୀୟ ଭାବେ ଭାରତୀୟ ପୋଷ୍ଟାଲ ଷ୍ଟାମ୍ପରେ ସ୍ଥାନ ପାଇଥିଲା।






ବାଦୁଡି ଏକମାତ୍ର ସ୍ତନ୍ୟପାୟୀ ପ୍ରାଣୀ ଯିଏ କି ଉଡିପାରେ।

ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲାରେ ଅବସ୍ଥିତ ଲେପାକ୍ଷୀ ମନ୍ଦିର। ଏହି ମନ୍ଦିରରେ ଥିବା ଏକ ସ୍ତମ୍ଭ ମାଡିକୁ ସ୍ପର୍ଶ ନକରି ଛାତରୁ ଝୁଲିବା ଅବସ୍ଥାରେ ରହିଛି।





ବିନା ହାଡ଼, ରକ୍ତ ଏବଂ ମସ୍ତିଷ୍କରେ ସୃଷ୍ଟି ହୋଇଥିବା ଜେଲି ଫିସ୍‌ର ଶରୀରର ୯୫ ପ୍ରତିଶତ କେବଳ ଜଳ।



ଶାଁବାଲୁଆର ଛଅ ଯୋଡା ଆଖି ରହିଥାଏ। ଏହା ମୁଣ୍ଡର ଉଭୟ ପାର୍ଶ୍ୱରେ ଦେଖିବାକୁ ମିଳିଥାଏ।

# ଆଇନା



ସୁହାନୀ
୫ ବର୍ଷ



ଶୀତଲ
୧୦ ବର୍ଷ



ଅନ୍ୱେଷା
୫ ବର୍ଷ